ମାତୃ – ପୂଜା ।

Digitized by srujanika@gmail.com

ମାତୃ — ପୂଜା

Digitized by srujanika@gmail.com

ମାତୃ-ପୂଜା ।

ଶ୍ରୀ ଚନ୍ଦ୍ରମଣି ମହାନ୍ତି

ବିରଚିତ

ଓ

ପ୍ରକାଶିତ ।

୧୯୧୩

PRINTED BY BRUNDAVANA PROTINIDHI

KISHORECHANDRA PRESS

ASKA (GANJAM)

1913

ମୂଲ୍ୟ-ମନୋଯୋଗପୂର୍ବକ ଥରେ ଆମୂଳଚୂଳ ପାଠ ।

ଭକ୍ତ୍ୟୁପହାର ।

ଉତ୍କଳ-ଭାରତୀ-ଭକ୍ତ ସୁରଙ୍ଗୀ ନୃମଣି,
ଅହେ ଯୋଗଜନ୍ମା! ଦେବ ଚନ୍ଦ୍ରଚୂଡ଼ାମଣି ।
ତବ ଆବିର୍ଭାବ ଶୁଭ ଗଞ୍ଜାମ ପକ୍ଷରେ,
କରୁଅଛ ମାତୃପୂଜା ନିବିଷ୍ଟ ଅନ୍ତରେ ।
ତେଣୁ ପୁରୋହିତ ତୁମ୍ଭେ ଜନନୀ ପୂଜାର,
ଏଣୁ "ମାତୃ-ପୂଜା" ଦେଲି ଭକ୍ତ୍ୟୁପହାର ।
ବିଶେଷେ ଲକ୍ଷିତ ଏହା ତବ ଅନୁକୂଳେ,
ଦେଲି ତବଦ୍ରବ୍ୟ, ତବ ଶ୍ରୀକର-କମଳେ ।
ଯେସନେ ଦେବେନ୍ଦ୍ର ଏହାନୁପ ସସ୍ନେହ ପୁଲକେ,
ପୂଜନ୍ତି ଗଙ୍ଗାଙ୍କୁ ସିନା ସେହି ଗଙ୍ଗୋଦକେ ।
ଲଭନ୍ତୁ ତୁମ୍ଭଙ୍କୁ ହୃଦ୍ୟେ ଅଶେଷ ସ୍ୱଜନ;
ତୁମ୍ଭେନ୍ତି ମୋ କବିତାର ସ୍ଫୁରଣ କାରଣ
ହେ ଗାଠିତ ରାଜକର ପ୍ରଶସ୍ତି ତୁମ୍ଭର,
ସମସ୍ତ ଉତ୍କଳ ତବ ବନ୍ଦନେ ମୁଖର ।

ଇଚ୍ଛାପୁର
୧।୧୨।୧୯

ଭବଦୀୟ
ସ୍ନେହ-ଯୌତୁକ-ମୁଗ୍ଧ
ଶ୍ରୀ ଚିନ୍ତାମଣି ମହାନ୍ତି

ମାତୃପୂଜା ।

ବଙ୍ଗଳାଶ୍ରୀ ।

ହେଉ ବଂଶଧରୁ ଭଜନାରେ ଦଳେ
ହେଲନାହିଁ ନିଦ୍ରାଷଣେ,
ଗୋଟି ଗୋଟି ଅସି ବହୁଗତ ସ୍ମୃତି
ପଶିଲେ ଅସନ ମନେ ।
ବାଲ୍ୟ ଯୌବନର ସୁଖ ଦୁଃଖ ମୟ
କେତେ ସାନ ବଡ଼ କଥା,
ବସ୍ତୁତ-ପ୍ରବାହ ଯତଲୋମେ ସ୍ପଷ୍ଟ
ଅସିଲ ସ୍ୱତଃ ସର୍ବଥା ।
ଦୁଃଖ-ଶେଷେ ଶୋଚ କେତେବେଳ ଯାଏଁ
ନାନା କଥା ଏକୁପତ,
ଭାବ ଶିବ ହେଲ ଦରକ୍ତ ତଥାପି
ପାଇଲ ନାହିଁ ଶର୍ବଶ୍ରୀ ।
ସୁଖ ପ୍ରାପ୍ୟ ସୁଖ· ସବି କ୍ଷଣସ୍ଥାୟୀ
ଯାଏ ସେ ଗନ୍ଧେ ପ୍ରସ୍ତତ,

ମାତୃପୂଜା ।

ଗାଙ୍ଗ ତୁଙ୍ଗ ଶିର   ଧୁଏ ସଦା ସ୍ନେହେ
ଏବଙ୍ଗର ସାଗରେ ।
ଭଣା ଭଜାଗରେ   ବନ୍ଦି ବ-ସ୍ତୁନୋର
ଭଣୀଷେ ପ୍ରାଙ୍ଗଣେ ଷଡ଼ି,
ଶୋଭଲ ସୁଧୀର   ଶୀତଳ ସମୀର
ସେବକ ସଦେ ସଜାସି ।
ସୁଶୀଳ ସୁରଭ   ଶରତ ସମସ୍ତୁ
ଦୂଷେ ସ୍ନେହସ ରଜସ,
ପାରଦ ସନ୍ଧିରେ   ଦ୍ୱାନଦଲ ପ୍ରାପ୍ତ
ସମ୍ପଦେ ନରଃ ଶବନ ।
ଦକ୍ଷିଣାପଥ-ଶୋଭା-   କାବା-ଢ଼ୁସାମୋଢ
ଷଷ୍ଠ ଶଗସ୍ତ୍ୟ ତାସ୍ୱ,
ଭଭ ଭଙ୍ଗ ଦୋଭ   ଭୂ.ଲ ବେଭଜଥନ୍ତୁ
ସୁଷମା-ପିୟୂଷ ଥାସ୍ୱ ।
ଭଗ୍ନ ଭଭ ଭାବେ   ତରେ ସ୍ୱପ୍ନଭ
ତରଳ ତାଙ୍କ ପଙ୍କଭ,
ସୁକ୍ଷଣ-ପ୍ରବୀଣ   ପ୍ରାଜ୍ଞ ପାଶେ ଯଥ
ଦଭ ପାଠ୍ୟଙ୍କ ସଭ ।

Digitized by srujanika@gmail.com

ଲୁପ୍ତା ହୃଷ୍ଟ-ବର୍ଷା- ପ୍ରାପ୍ତ ହେଲେ ଶୀତ
ତୁଷାର ଖଣ୍ଡ ସମୂହ,
ମନୋଦୁଃଖେ ଯଥା ଛନ୍ନାନ୍ତ ଦଶଦ୍ଦ
ଶିଥିଳାଙ୍ଗ-ଭାସ୍ୱ ଲୁହ ।
ଘନର ସଂସର୍ଗେ ଶଶାଙ୍କ ନିର୍ମଳ
ନିର୍ମଳ ଯଶ ଧବଳ,
ସାଧୁ ସ୍ୱଭାବେ ନିଷ୍କଳୁଷ ଯଥା
ହୁଏ କାଳଂ ଭୂଷିମନ୍ତ ।
ଘନେ ଧନ୍ୟପରେ ପଦ୍ମ ଅନ୍ତର୍ହିତ
ହୁଏ ଚଳସନ ଶଇ,
ମର୍ତ୍ତ୍ୟ ଶୋକ-ତାପ- ଛଦ୍ମ ଜନ୍ମୀମନେ
ହୁଏ ଯଥା କ୍ଷଣସ୍ଥାୟୀ ।
ଋଷ୍ଟ ଗ୍ରସ୍ତା ପଥେ ଦକ୍ଷେ ଦିଙ୍କ୍ଷିତ
ଦଶାଲ ଖଇ ଗଗନ,
ଅନଳଙ୍କ (୧) ଯୁଗ ଛିଳା ସେତୁବନ୍ଧେ
ବଙ୍ଗ ସାଗର ସେପନ ।
ଏହପର ଦୃଶ୍ୟ ଦେଖୁଁ ଦେଖୁଁ ଅସି
ଧାରଲ ନନ୍ଦା ନୟନେ,

(୧) ନଳ ନାମକ ବାନର

ତହିଁ ସ୍ୱପ୍ନଦେଶ ପ୍ରସାଦୁ ଦେଖିଲି
ଏକୁଗ ସ୍ୱପ୍ନ ବଳନେ ।
ଅଯୋଗ୍ୟଙ୍କ ମୁହିଁ ଅନନ୍ତର ଦୃଷ୍ଟି
ଏକ ମହାଶିଳ୍ପବଳେ,
ତା ସୁବର୍ଣ୍ଣ ଦେହୁ ସ୍ଫୁରେ ସ୍ୱର୍ଣ୍ଣ ପ୍ରଭା
ରୌଦ୍ରରେ ଉଜ୍ଜ୍ୱଳ କରେ ।
ଦେଉଳର ଦଣ୍ଡ ନକ୍ଷତ୍ର ପର୍ଯ୍ୟେ
ଦେଖିଛି ଚୂଡ଼ା ଚଞ୍ଚଳ,
ସ୍ୱର୍ଣ୍ଣ ଲତାଜାଏ ଯଡ଼ାଛନ୍ତି ଛନ୍ଦି
ସ୍ୱର୍ଣ୍ଣମୟ ଫଳଫୁଲ ।
ସୁବର୍ଣ୍ଣ ହରିଣ ଶମ୍ବର ଶାର୍ଦ୍ଦୂଳ
ବୁଲୁଛନ୍ତି ନିର୍ବିବାଦେ,
ସୁବର୍ଣ୍ଣ ବିହଙ୍ଗ ସୁବର୍ଣ୍ଣ ପାଦପେ
ନାଚନ୍ତି ମହା ଆହ୍ଲାଦେ ।
ଶାନ୍ତ ପବିତ୍ରତା ନିର୍ଜ୍ଜନତାଉସେ
ଅଟେ ତର ପ୍ରିୟବାସ,
ମାତର ଉଠୁଛି ଅନୁକ୍ଷଣ ତହିଁ
ଅମର୍ତ୍ତ୍ୟ ସ୍ନିଗ୍ଧ ସୁବାସ ।

ଗିରି ଶୋଭା ହେରି ଭୁଲି ଗଲି ଦୁଃଖ
ପଡ଼ିଲା ପାଦ ମୋହର,
ମାତ୍ର ନ ଥକଣ ନୟନ ପ୍ରଭୃତି
ଅଙ୍ଗେ ହେଲା ପ୍ରକାଶ ।
ବୋଇଲା ନୟନ ସ୍ୱର୍ଗ ଭୂ ପଦ୍ମୋଦ୍ୟାନେ
ଶୁଣ ଶୁଣ ଅଛି ପାଦ,
ଏପରି ଦେବ- ସ୍ଥାନ ପର୍ଯ୍ୟଟନେ
ନ ମଣ ତୁ ଅବସାଦ ।
ତୁଙ୍ଗ ଗିରି ଚୂଡ଼ା କାନ୍ତାର କନ୍ଦର
ଭ୍ରମିଅଛୁଁ କେତେ ସ୍ଥାନେ,
ଏ ସୁରମ୍ୟ ସ୍ଥାନ ଦେଖିବାର ଥାଉ
ଶୁଣିନ୍ଥୁ କେବେ କାନେ ।
ଏ ସ୍ଥାନ ଭ୍ରମଣେ ଲଭିବୁ ନିଶ୍ଚୟ
ଧର୍ମ ଅର୍ଥ ମୋକ୍ଷ କାମ,
ସାର୍ଥକ ହୋଇଲା ଏତେକାଳେ ସିନା
ତୋହର ଚରଣ ନାମ ।
ନେତ୍ର ବଳପାଇ ଦୁର୍ବଳ ଚରଣ
ହେଲାକ ତହୁଁ ପ୍ରବଳ,

ଊର୍ଦ୍ଧ୍ୱ ଦିଗେ ଚାହିଁ   ଦେଖିଲେ ସେ ଯେଣିକେ
ବହୁ ରମଣୀୟ ସ୍ଥଳ ।
ଦେଖିଲ ସୁଁ ଭୂଧର   ଭୂମି ଏକ ସ୍ଥାନେ
ଅପୂର୍ବ ରତ୍ନ ବୈଭବା,
ସେ ଦେଶ ସ୍ୱଭାବେ   ପାର୍ଥିବ ଭବନ
ଦର୍ଶିବ ସ୍ୱର୍ଗ ଶୋଭା ।
ଉତ୍ତୁଙ୍ଗ ଶୃଙ୍ଗ   ପରେ ସଦ୍ଭାବରେ
ଶାନ୍ତିର ମୂର୍ତ୍ତି ଏକ,
ଅମର ସେ ଭାବେ   ମାସ ଥାଉଛନ୍ତି
ଜଟିଳ ସନ୍ନ୍ୟାସୀ ବେଶ ।
ପ୍ରସନ୍ନ ବଦନ   ପ୍ରସନ୍ନ ଦର୍ଶନ
ବେଷ୍ଟିତ ମୟୂଖ ଜାଲେ,
ବିକଶି ଛଟାରେ   ଦୟା, କ୍ଷମା, ପ୍ରୀତି
ମୁଦ୍ରା ମୁଦ୍ରିତ କପାଳେ ।
ଦର୍ଶନ ମାତ୍ରକେ   ଭକ୍ତି ଜାତ ହେଲ
ପ୍ରଣମି ପଦ୍ମ ଚରଣେ;
କରଯୋଡ଼ି ଭକ୍ତ   ହୋଇ ଭକ୍ତାକୁଳ
କହନ୍ତି ଧୀର ବଚନେ ।

Digitized by srujanika@gmail.com

ହେ ଦେବ ! ଏ ଦେଶ   ଶୁଣ, ପାଠ ଏଥି
ଲବସନ୍ତ ଅବା ବଏ,
ନିଜ ପଲ୍ଲବରୁ   ସହରେ ହୃଦରୁ
କରୁଣା ବହୁ ଝରେ ।
ଅଣାଷିଣ ମୋତେ   ପାର୍ଶ୍ୱେ ବସିବାକୁ
ଦେଲ ଶରେ ଅନୁମତି,
ସହାସ୍ୟ ବଦନେ   ମଧୁର ବଚନେ
ପଷିଲେ ଏସନ ଯତି ।

ଶୁଣ ବତ୍ସ ମୋର   ଅତି ପଦ୍ମରତ୍
ମହେନ୍ଦ୍ରଗିରି ମୋ ନାମ,
ମୋର ଅଧିଷ୍ଠାନ   ଏଣେଇ ମହେନ୍ଦ୍ର
ବାଞ୍ଛିତ ଅମର ଧାମ ।

ଗଞ୍ଜାମ ମଣ୍ଡଳେ   ଶିର ଉଚ୍ଚବର୍ତ୍ତୀ
ଅଛେ ରେ ବାଳୁତ ମୂର୍ତ୍ତି,
ପୂତ କଲେ ମୋତେ   ଜାନକୀ ଶ୍ରୀରାମ
ଲକ୍ଷ୍ମଣ ଚରଣେ ଛୁଇଁ ।
ସନ୍ତ୍ରସ୍ତ ସନ୍ତ   ପୁରନ୍ଦର ଛବି
ରଂଘୁ ଦିଗ୍ବିଜୟ କାଳେ,

Digitized by srujanika@gmail.com

କରଥିଲେ ଦୈନ୍ୟ ସହ ଅବସ୍ଥାନ
ଦନସ୍ୟୁ ମୋର ଅଳେ ।
ପାଞ୍ଚାଳୀ ସହିତେ ପାଣ୍ଡବେ ବଳସି
ଯାଇଛନ୍ତି ମୋ ଶିଖରେ,
ସବୁ ଯୁଗେ ମୁହିଁ ପାଇଥିଲି ପୂଜା
ଅପୂଜ୍ୟ ଭଲକାଲରେ ।
ପୁରାଣ-ପ୍ରସିଦ୍ଧ ମୋ ନାମ ଏକଥା
ଅବଦିତ ନାହିଁ କାର,
ସ୍ମରଣ୍ୟ ଅକଳରୁ ଏକାଳେ ଯେ ନାମେ
ପଡ଼ୁନାହିଁ ଅହା ଗାର ।
ଶିଶୁ-ହିମାଳୟ ସୌମ୍ୟ ମାଲ୍ୟଗିର
ମେଘାସନ ମେଘାସନ,
ଅବର ଉଚ୍ଚଳି ଗିରିମାଳେ ମୋର
ଭକ୍ତି ଶାନ୍ତି ପରିଜନ ।
ଯୁଗଧର୍ମେ ଏବେ ସେମାନଙ୍କ ସହ
ଘଟିଛି ମୋର ବିଚ୍ଛେଦ,
ଦୁରଦୃଷ୍ଟ ହେତୁ ଭକ୍ତି ଅଛ ମୁହିଁ
ଦାରୁଣ ଶୋକ ନିର୍ବେଦ ।

Digitized by srujanika@gmail.com

ମାଙ୍କ ଶୁଭ ଦିନ ଅଜ, ଲଗିଅଛୁ
ପୁନର୍ମିଳନ ଉପାୟ,
ଭଗ୍ନଶା ଅନ୍ଧାରେ ଦଗ୍ଧ ଅଛୁ ଆହା
ଅଣାଟଲିଙ୍କ ଘୀବୋସ୍ୟୁ ।
ଗଞ୍ଜାମ ଉତ୍କଳ ମିଳନାଭିପ୍ରାୟେ
ଗଞ୍ଜାମର ପୁତ୍ରଗଣ,
କରୁଛନ୍ତି ସର୍ବେ ଲଟ ଦ୍ୱାରେ ମେଳି
ସାନୁନୟ ଅବେଦନ ।
ଏତେ କାଳ ପରେ ଗଞ୍ଜାମ ପକ୍ଷରେ
ହେଲେ ବିଧି ଅନୁକୂଳ,
ଫେଡ଼ିବାକୁ ମାତୃ- କଷଣ ତା ସୁତେ
ହୋଇଛନ୍ତି ଅଜି ଠୁଳ ।
ତାହାଙ୍କ ଅକାଂକ୍ଷା ସଫଳ ସକାଶେ
ଅସି ଏକଜନ ସ୍ଥାନେ,
କରୁଥିଲୁ ମୁହିଁ କାତର ପ୍ରାର୍ଥନା
ବଙ୍ଗଭୂପ ସନ୍ନିଧାନେ
ସଙ୍କୋଚ ଶଙ୍କରେ ଲଟିଅଛୁ ଅଜ
ମାତୃ-ପୂଜା ସାଡ଼ମ୍ବରେ,

ଦେଖିବାକୁ ଇଚ୍ଛା ଥିଲେ ଅସ ବସ୍ତୁ
ମୋହ ସହତେ ସଭ୍ୟରେ ।
ଏହା ଘୃଣି ଗିର ଛୁଟିଲେ କ୍ଷଣରେ
ଥର ଥର ଗଣ୍ଡେ ଗଣ୍ଡେ,
ଶୁଭ୍ର ସଙ୍ଗେ ସଙ୍ଗେ ତେଜ ପ୍ରାପ୍ତ ମୁଣ୍ଡ
ଗୋଡ଼ାଇଲ ପଛେ ପଛେ ।
କେତେ ଦୂର ଯାଇ ମିଳିଲୁଁ ଉଦୟେ
ଦଶାଇ ଅଧିତ୍ୟକାରେ,
ଅସଂଖ୍ୟ ମାନବ ଜୁଣ୍ଡ ହୋଇଛନ୍ତି
ସେ ମାନବ-ପାର୍ଶ୍ୱବାରେ ।
ମଧ୍ୟସ୍ଥଳେ ତାର ରତ୍ନ ସିଂହାସନେ
ବସିଛନ୍ତି ଏକ ଦେବୀ,
ମାଗୁଛନ୍ତି ବର ଜାନୁ ଉପରେ
ସକଳେ ତାହାଙ୍କୁ ସେବ ।
ଏବଡ଼ ଅଦ୍ଭୁତ ସିଂହାସନ ପରେ
ଉଚ୍ଚରୁ ଦେବୀଙ୍କ ଶିର,
ବେଢ଼ାଇ କିପାଇଁ ହୋଇଛନ୍ତି ବଦ୍ଧିତ
ମସ୍ତକୁ ଦିବ୍ୟ ଷଣ୍ଢିର ।

Digitized by srujanika@gmail.com

ଶଯ୍ୟା ପ୍ରସ୍ଫୁଟିତ କମଳ ପଲ୍ଲବ
ହସୁଅଛୁ ଯୁଗ ଛିବା,
ଷଣ୍ଡଦ-ଗଣ୍ଡର ଲକ୍ଷ୍ୟନ ଯୁଗଳ
ଟେକୁଛୁ ଅଶ୍ରୁ ବହିବା ।
ଚରଣେ ମହେନ୍ଦ୍ର . ଏହୃଦେଶ ଦକ୍ଷ
ଅଟନ୍ତି ଗହ୍ଲାମ ମାଳା,
ରୂପବସ୍ତ୍ର ତଳେ ଭୂମର ଭାଙ୍କର
ଏଣ୍ଣ ପରଷ୍ଟରେ ଗ୍ଳ୍ଚା ।
ଲୁଷ୍ଣ କାନରେ ଯେ ପୋଛୁ ଦେଉଛନ୍ତି
ଜନନୀ ନୟନ ଲୁହ ,
ଅଟନ୍ତି ସେ ଭୂମି ସୁରଙ୍ଗୀ ନୃପତ
ଜନନୀର ଯୋଗ୍ୟ ସୁଅ ।
ପାର୍ଶ୍ୱେ ଦେଶେ ବସି କରୁଛନ୍ତି ଯେହୁ
ଅନନେ ବାଞ୍ଛ ସେଚନ,
ସେ ସିନ୍ଧା ଅଟନ୍ତି ଘନପତ୍ର ଶ୍ରେଏ
ଗୋମନ୍ତି-ଶସ୍ୟ-ମଣ୍ଡନ ।
ବାମ ପାଶେ ଯେନ୍ତୁ ପତ୍ନ ଉତ୍ସୀଯ୍ୟେ
ପୋଛୁ ଦେଉଛନ୍ତି ଧୂଳ,

Digitized by srujanika@gmail.com

ଋଷିକୁଲ୍ୟା ତୀର ବଙ୍ଗୋପ ସାଗର
ଧନ୍ୱକୋଟି ମଧ୍ୟପାତ ।
କୁସୁମ ବ୍ୟଞ୍ଜନେ ବଞ୍ଚିଛନ୍ତି ଯେତୁ
ତସ୍ୱିଣ ଜନନୀ କତ,
ମାତୃଭକ୍ତ ସେତୁ ଅନ୍ତରେ ବସୁ
ଚତୁଷ୍ଟ-ଧରଣୀପତ୍ର ।
ଯୋଡ଼ିବା ପାଇଁ ଯେ ପଟି ଧରିଛନ୍ତି
ଜନନୀ ଶରୀରେ ଶିର,
ଅନ୍ତେ ସେ ବଙ୍ଗ ବୃଦ୍ଧ ନରପତି
ମନୁଷ୍ୟା-ନନ୍ଦଃ ନିଧିର ।
କନ୍ୟୁକୁବ୍ଜ ମାତୃ ଦୁଃଖେ ଦାହାକାର
ଏବେ ଯେଉଁ ସୁବାମଣି,
ମନୁଷ୍ୟାର ଭାଗ୍ୟ ସ୍ୱର୍ଗ୍ୟ ପଥାପାସେ
ଯୌବନ୍ୟ-ସ୍ୱପ୍ନ-ଶ୍ରେଣୀ ।
ସୁନାର ବପୁସେ ଅଛିଛନ୍ତି କଷ୍ଟେ
ମାତୃପାଦ ପୂଜାପାଇଁ,
ଦୋଷ ଦୁଃଖେ ଯାଙ୍କ ହୃଦପୁ ତରଳେ
[illegible] ସେ ତରଳାସାଇଁ ।

ଖେରଗଡ଼ ରାଏ　　　　ବରଘଡ଼ ରାଏ
　　ଅଧୀନ ଦେଶୀ ସନ୍ଧିଯୁ,
ପୁଣି କେତେ ରାଜା　　　　ଆସି କପାଳଣ
　　ପ୍ରେଷିଛନ୍ତି ପ୍ରତିନିଧି ।
ଦେଖୁଅଛୁ ଆଉ　　　　ଯେତେ ଛାତ୍ରଙ୍କୁ
　　ଯେ ସର୍ବେ ଗଞ୍ଜାମ ବାସୀ,
ଗଞ୍ଜାମ ଜିଲ୍ଲାର　　　　ପ୍ରତ୍ୟେକ କେନ୍ଦ୍ରରୁ
　　ଠୁଳ ହୋଇଛନ୍ତି ଆସି ।
କେତେକ ଅଛନ୍ତି　　　　ବିଶ୍ୱ ବିଦ୍ୟାଳୟୁ
　　ଉଚ୍ଚ ଉପାଧି ମଣ୍ଡିତ,
କେତେ ଅ ପାଠୁଆ　　　　ମଧ୍ୟମ ପାଠୁଆ
　　ବଣିକ ଶିଳ୍ପ-ପଣ୍ଡିତ ।
ସଭିଙ୍କ ହୃଦୟେ　　　　ସମାନେ ଭେଦନ୍ତି
　　ଜନନୀ ଦୁଃଖ-କୁଠାର,
ତେଣୁ ଏକ ପ୍ରାଣେ　　　　ଠିଆ ହୋଇସର୍ବେ
　　ଲୋଡ଼ୁଛନ୍ତି ପ୍ରତୀକାର ।
ଏଥି ଅନନ୍ତରେ　　　　ଗଞ୍ଜାମ ଜନନୀ
　　ମଧୁର ମୃଦୁ ବଚନେ,

Digitized by srujanika@gmail.com

ସମ୍ବୋଧି କହିଲେ   ଶୁଣ ଶୁଣ ମୋର
ଗର୍ଭଜାତ କୁମର ଗଣେ ।
ସେ ସୁଖ ଦିବସ   ନାହିଁ ମୋର ଆଉ
ଯାଇଛି ତା ରହିସିନା,
ଭକ୍ତ କବିବର୍ଗ   ଗାଉଥିଲେ ଯେବେ
ସାରସ୍ୱତ କୁଞ୍ଜେ ବୀଣା ।
ସୁନ୍ଦର ଜନନୀ   ବୋଲି ଅଦ୍ୟାବଧି
କହୁଛନ୍ତି ସର୍ବେ ମୋତେ,
ପଡ଼ିଛି କୁସୁମ   ଲୁପ୍ତ ଗନ୍ଧଯୁତ
ଗନ୍ଧ ତାର ବାତ-ସ୍ରୋତେ ।
ସେକାଳର ଆଶା   ସେକାଳର ଭାଷା
ହୋଇଛନ୍ତି ସକଳ ଗତ,
ଏକାଳେ ମୋହିଣୀ   ତୁମ୍ଭ ମାତୃଭାଷା
ହୋଇଛି ଯଥା ବିଗତ ।
ଦେଖୁଛ ସର୍ବେ   ଯାଉଛି ମୋହର
ନିଦାରୁଣ ଦୁର୍ବିପାକ,
ଦୁରଦୃଷ୍ଟ ମୋତେ   କରୁଛନ୍ତି ସଦା
ବିଚ୍ଛେଦ-ଅନଳେ ପାକ ।

Digitized by srujanika@gmail.com

ଥାଉ ଅନ ମୁହିଁ   ଶରୀର ବହନ
ସ୍ୱକାର୍ଯ୍ୟ ସାଧନ କରୁ,
ଭଗବତ ଉପାସୀ   ଦେଲା ମୋତେ ସାଉ
ସ୍ନେହ ବା ଟିକି ଉପରୁ ।
ମୋହଠାରୁ ଚଳ   ଦୁଷ୍ଟ ପୁତ୍ର ମୋର
ସ୍ନେହରେ କଷ୍ଟ ଦୁର୍ବାର,
କୌଣସି କାର୍ଯ୍ୟରେ   ନାହିଁ ତାହାଙ୍କର
ଉଚ୍ଚ ମାଣ ଅଧିକାର ।
ଯୋଗ୍ୟ ହେଲେ ମୂର୍ଖା   ସେମାନଙ୍କ ପାଇଁ
ନ ପଡ଼ିଠାନ୍ତି କେହୁ ଭ୍ରଷ୍ଟ,
ଅହ୍ୱାଇ ପାଦପ   ତଳେ ଗୃହ ଗଛ
କାହିଁ ବା ଦୈବର ନଷ୍ଟ ।
ପାଞ୍ଚଜଣ ମଧ୍ୟେ   ଜଣେ ହୋଇଥାନ୍ତୁ
ହୋଇ ନ ପାରନ୍ତୁ ଟିଏ,
ଏ ଦୁଃଖ-କୁଳିଶ   ବାଜି ଦେବା ମୋର
ହେଉଛି ବିଦୀର୍ଣ୍ଣ ହିଆ ।
ଅଉ ଦୁଃଖ, ପୁତ୍ର-   ଦୁଃଖ ମୋତେହଦା
କରୁଅଛି ମ୍ରିୟମାଣ,

Digitized by srujanika@gmail.com

ଭବତାପ, ଅଗ୍ନି- ତାପ ମଧ୍ୟେ ନାହିଁ
ଯୋଗାଇଁ ଦୃଷ୍ଟାନ୍ତ ସ୍ଥାନ ।
ତୁମ୍ଭେମାନେ ମୋର ଚପଳ ସ୍ୱଭାବୁ
ରହିଁଥିଲ ଭବ ସୁଖେ,
ସେହାରେ ସକଳେ ଭୁଞ୍ଜ କଲ ମାଏ
ସଢ଼ୁଅଛୁ ରୋଗେ ଦୁଃଖେ ।
କରୁଛ ଚିକିତ୍ସା ସତ୍ୟ, ମାଏ ତାହା
କ୍ଷିପ୍ର ହସ୍ତେ କର କର,
ବିଳମ୍ବ ଘଟିଲେ ଜୀବନ ନାଡ଼ିକା
ଯିବଟି ଛିଣ୍ଡି ମୋହର ।
ଜନ୍ମ ଜନ୍ମ କରି ଜଣାଅ ମୋପୀଡ଼ା
ଗୀତ ପ୍ରବନ୍ଧ କରି,
ସୁବୈଦ୍ୟ ରୂପରେ ଜନ୍ମିବେ ଔଷଧ
ଅବଶ୍ୟ ସେ ମହାମତି ।
ପତିତ ଜାତିର ପକ୍ଷପାତୀ ହେବା
ଉନ୍ନତ ଜାତି ଲକ୍ଷଣ,
ବୁଝିଲେ ମୋ ଦୁଃଖ ନିଶ୍ଚେ ତାଙ୍କ ହୃଦ
ହେବ କରୁଣା-ପ୍ଲାବଣ ।

କେବଳ ମୋ ଦୁଃଖ   ସ୍ୱଚ୍ଛନ୍ଦାରେ ଗାଉ
ନହୁଅ କାବୁ ନୀରବ,
ପାଳିବାକୁ ଅଛୁ   ତୁମ୍ଭର ସକାଶେ
ତୁମ୍ଭର କଷ୍ଟକର୍ତ୍ତବ୍ୟ ।
ଦୋଇରୁ ଘର ମନ   ମିଶାଇ ପାରଲେ
ବଳେ ମିଶିଯିବ ଦେଶ,
ସେଥିଲାଗି ବସି   ଭାବନା ନକର
କର୍ତ୍ତବ୍ୟ ତ୍ୟାଗ ନକରେଣ ।
ତୁମ୍ଭର ଏକତା   ମାତୃ ଭକ୍ତି ଦେଖି
ହୋଉଛୁ ମୁଁ ଆଶାନ୍ୱିତ,
କରୁଥାଅ କାର୍ଯ୍ୟ   ସେ ଭାବକୁ ଦୃଢ଼େ
ହୃଦୟେ ରଖି ସ୍ଥିରତ ।
ରଖିଥିବ ମନେ   ସବୁବେଳେ ବାପା
ସଂହତ କାର୍ଯ୍ୟ ସାଧକା,
ସଂହତି-ବଳାରେ   ସକଳ ଉନ୍ନତି
ଲେନା ପଟେଣ ହୁଏ ବଡା ।
ଶିକ୍ଷା ଉନ୍ନତିର   ପ୍ରଧାନ ସହାୟ
ରଖି ସେଥି ପ୍ରତି ଦୃଷ୍ଟି,

କୃଷିକ୍ଷେତ୍ର ପଥ   ଗ୍ରାମେ ଗ୍ରାମେକର
ବହୁ ବିଦ୍ୟାଳୟ ସୃଷ୍ଟି ।
ସର୍ବସ୍ୱ ଚେଷ୍ଟାରେ   ଘୁଞ୍ଚି ନପାରଇ
ଦେଶର ଯେ କୁସଂସ୍କାର;
ଶିକ୍ଷା ପ୍ରଭାବରେ   ଦୂରେ ଯିବା ସେହୁ
ନତୁବା ନଚେ ସଂହାର ।
ଜାତୀୟ ସାହିତ୍ୟ   ଜାତିର ଜୀବନ
ବଳ ଗୌରବ ସମ୍ପଦ,
ଅବିଦ୍ୟା-ଭୁଜଙ୍ଗୀ-   କାଳକୂଟକୁ ସେ
ପରଶୁକେଦାର ଗଦ ।
ନୈତିକ ସାହସ   ଅଳ୍ପ ନିର୍ଭରତା
ସାହିତ୍ୟରୁ ହୁଏ ଜାତ,
ଅବାଳକୁ ପୋଷେ   ମାତୃଭାଷା ସେହୁ
ମାନବର ଭାତ ମାତ ।
ମାର୍ଜିତ ରୁଚିରେ   ମାର୍ଜିତ ଭାଷାରେ
ଲେଖାଅ ନବ ସାହିତ୍ୟ,
ମୁଦ୍ରିତ କରାଇ   କର ପ୍ରଚାରିତ
ପ୍ରାଚୀନ କାବ୍ୟ ସଙ୍ଗୀତ ।

Digitized by srujanika@gmail.com

ସୁପ୍ରଭବ ଶାଳୀ ମୃଗ-ବଂଶଧର
ପ୍ରଭବକୁ ପୂଜା କର,
ଯାହାର ପ୍ରଭବ ପୂଜା କଲେ ସିନା
ବଢେ ପ୍ରଭବ ନିଚୟ ।
କୃଷି ଶିଳ୍ପାଦର ଲୁପ୍ତ ଗଉରବ
ସମ୍ମୁଖରେ ହୁଅ ବ୍ରତୀ,
ଆପେ ଆପଣାକୁ କରିବ ପ୍ରସ୍ତୁତ
ଜଣେ ଜଣେ କର୍ମୀ ଯତି ।
ଭୂମିର ମୃତ୍ତିକ ପୁରୁଷେ ଚଳାଇ
ସାଗର ଗର୍ଭେ ସ୍ଲୁପ୍, (୧)
ବାଣିଜ୍ୟ ଉନ୍ନତ ସାଧି ଇତଥିଲେ
ସଂସାରେ କୀରତି ଯୂପ ।
ଗ୍ରାମେ ଗ୍ରାମେ ଗ୍ରାମ- ସମିତି କରାଇ
ଲଗୁ ଅର୍ଥୋନ୍ନତି ଚର୍ଚ୍ଚା,

(୧) ଗଞ୍ଜାମର ବେରେଛଣ ପୂର୍ବତନ ରଜା ଓ ଧନୀ ବ୍ୟକ୍ତିମାନେ ଏକସରେ ଜାହାଜ ଚଳାଉଥିଲେ । ସୋନପୁର ସେ ସମୟରେ ବନ୍ଦର ଥିଲା ।

Digitized by srujanika@gmail.com

ସ୍ୱଦେଶକୁ ସ୍ୱର୍ଗ ପଠାଇ ସଦ୍ଭାବେ
ଦେଇ ଯଥା ଶକ୍ତି ଶିକ୍ଷା ।
ମୋପାଇଁ ବନ୍ଧୁଗଣ ସ୍ୱାର୍ଥ ତ୍ୟାଗ କରି
କାର୍ଯ୍ୟରେ ଲାଗ ଲଗାଅ,
ପୂର୍ବ ପୁରୁଷଙ୍କ କୀର୍ତ୍ତି-କର୍ମ-ଗାଥେ
ଜଗତ ସଙ୍ଗୀତ ଗାଅ ।
ଜପକର ସଦା ଜନ୍ମଭୂମି ନାମ
ତାରକ-ମନ୍ତ୍ର ଜ୍ଞାନେ,
ସେହି ମନ୍ତ୍ର ପୁଣି ଦିଅ ଗୁରୁରୂପେ
ଦେଶ ବାସୀଙ୍କର କାନେ ।
ଇତର ପକ୍ଷରେ ଅନୁକରଣୀୟ
ପ୍ରଧାନଙ୍କ କାର୍ଯ୍ୟା ବଳୀ,
ତୁମ୍ଭ ଦେଖା ଦେଖି ଅର୍ପିବେ ସମସ୍ତେ
ମାତୃପୀଠେ ସ୍ୱାର୍ଥ ବଳି ।
ତୁମ୍ଭେ ଯେଉଁ ପଥେ ଚାଲିବ ସେପଥେ
ଚାଲିବେ ସକଳ ଜନେ,
ହେ ମୋ ସନ୍ତତିଏ ଏହି କଥା ଏବେ
ରଖି ଥିବ ସଦା ମନେ ।

Digitized by srujanika@gmail.com

ଆଜି ସୁତଗଣେ   ବୁଝାଇ କହିବ
ମୋହର ଦୁଃଖ ଯନ୍ତ୍ରଣା,
ନିଶ୍ଚୟ ଲଭିବ   ଶାନ୍ତି, ସର୍ବେ ମିଳି
କଲେ କର୍ମର ସାଧନା ।
ଯତ୍ନ ନିଷ୍ଠା ସହ   ଲାଗିଲେ ସକଳେ
ମୋହ ପାଇଁ ଏକମେଳେ,
ଅଦୂର ଭବିଷ୍ୟେ   ଶୋକ ତାପ ମୋର
ଦୂର ହେବ ଅବହେଳେ ।
ଅସାର ସଂସାରେ   ମାତୃସେବା ବ୍ରତ
ଅଟଇ ସାର କେବଳ,
ଏହାଠାରେ ତହୁଁ   ମିଳେ ସର୍ବଯଜ୍ଞ
ସର୍ବ ତପସ୍ୟାର ଫଳ ।
ମାତୃଭୂମି ସେବା   ସ୍ୱଭାବେ ମାନବ
ହୋଇଛୁ ମର୍ତ୍ତ୍ୟେ ପୂଜିତ,
କପୋଲ କଳ୍ପିତ   କଥା ନୁହେଁ ଏହା
ବେଦ ଶାସ୍ତ୍ରରେ ଲିଖିତ ।
ମାତୃଭୂମି-ମାତା   କଷ୍ଟ ଫେଡିବାକୁ
କହଲାଏ ଯେତୁ ମତ,

Digitized by srujanika@gmail.com

ସେହୁ ମୂଳ ସିନା ଜଗରେ ବନ୍ଧୁପିଡ଼ା
ପରସ୍ପ ଅ[illegible] ଲଘନ ।
ମାତୃ ଦୁଃଖ ଦେଖି ନ ଦେଖିଲ ପର
ରହେ ଯେବଣ ପାଷଣ୍ଡ,
ଇହ ପୃଷ୍ଠ ଜନ୍ମ ସୁକୃତ ଭାହାର
ହୋଇଯାଏ ସବୁ ପଣ୍ଡ ।
ଯେବେ ହେଲେ ପୂଜା ଜନନୀ ସେବାରେ
ଘଟିନାହିଁ ଯାର ହସ୍ତ,
ହସ୍ତ ନୁହେଁ ତାହା, ଅସାର ଅସତ୍ର
ଅଛି ଦଣ୍ଡା କାଠ ସଜ ।
ମୋ ପକ୍ଷ ସଂଯୋଗ ପାଇଁ ସ୍ୱଜାତିରେ
କର ନମ୍ରେ ନିବେଦନ,
କେବେ କେଲେ ଦିନେ ହୋଇବ ତାଙ୍କର
ନଷ୍ଟେ କୃପା ସିଂହାସନ ।
ମସ୍ତକେ ଅଦର୍ଶ ତାଙ୍କ ସ୍ୱଜାତିର
ଦୁର୍ବ୍ବଳର ପକ୍ଷପାତୀ,
ବଙ୍ଗ ସଂଯୋଗରୁ ଥିବେ ବଢ଼ି ହୁ
ସେ ସ୍ୱଜାତିର ସୁଖ୍ୟାତି ।

Digitized by srujanika@gmail.com

ଭଗ୍ନୀ ବଙ୍ଗ ଭୂମି ସନ୍ତାପ ନାଶିଲେ
ଯେଉଁ ତ୍ୟାଗ-ଅନୁରାଗ,
ସେ ଶକ୍ତି ସନ୍ଦେଶ ଢାଳବେ ଦୁର୍ବଳ
ସନ୍ତୁ ଚିତ୍ତରେ ଉତ୍ସାହ ।
ସେ ସ୍ୱର୍ଗ-ଡମ୍ବାରି ଶୋଭାଦେବେ ମୋର
ଶୂନ୍ୟାଦୃଷ୍ଟ ଦେବାଳୟ,
ସ୍ନେହା ଉଷାରାଣୀ- ପ୍ରତି ରଶ୍ମି ରକ୍ଷା
ଜାଗିବେ ସେହ୍ନ ନିଶ୍ଚୟ ।
ଯେବେ ଧନ ଯାଏଁ ମୋଥିଙ୍କ ସଂଯୋଗ
ଲଭିବ ଚେ ବାପ ଧନ,
ତଦବଧି ତାଙ୍କ ପଦେ କରୁଥାଅ
ସବିନୟ ନିବେଦନ ।
ଅନ୍ତର କଥାଏ ପାଳିବ ମୋହର
କର ସବ ସୂତେ ପଣ,
ଏପୂର୍ଣ୍ଣ ଜବରେ ·ପୂଜ ବୋଇ ଏଥି
କରୁନ୍ତୁ ମାତୃପୂଜନ ।
ଏଦନକୁ ପର୍ବ- ଦିନରୂପେ ପାଇ
ପ୍ରତିବର୍ଷ ଉପଚାର,

Digitized by srujanika@gmail.com

ଚଳୁଅଛ ସର୍ବେ ଯାବତ ମୋର
ହୋଇନାହିଁ ପୂର୍ଣ୍ଣ ଆଶ ।
ମାତାଙ୍କ ଶ୍ରୀମୁଖୁ ଏ ଆଦେଶ ତ
ବାହାରିବା ମାତ୍ରେ ସର୍ବେ,
ପୂର୍ତ୍ତି କଲେ ସର୍ବେ କରତାଳ ଦେ
ତଥାସ୍ତୁ ତଥାସ୍ତୁ ରବେ ।
ଜୟ ଜନ୍ମ ଭୂମି ଜୟ ଜନ୍ମ ଭୂମି
ଉଚ୍ଚାରଣ ବାରମ୍ବାର,
କମ୍ପିତା ବସୁଧା ମାତୃ ପାଦ-ପଦ୍ମେ
ସାଷ୍ଟାଙ୍ଗେ କଲେ ଜୁହାର ।
ନଭେଥାଇ ଦେବେ ଦୁନ୍ଦୁଭି ବଜାଇ
କଲେ ପୁଷ୍ପ ବରଷଣ,
ସଭା ଭାଙ୍ଗି ସର୍ବେ ନିଜସ୍ଥାନେ ଗଲେ
ଭାଙ୍ଗିଗଲା ମୋ ସ୍ୱପନ ।

ସମାପ୍ତ ।

Digitized by srujanika@gmail.com

ବିଜ୍ଞାପନ ।

ସ୍ୱର୍ଗତ ଶ୍ରୀଯୁକ୍ତ ଚନ୍ଦ୍ରମଣି ମହାନ୍ତି ମହୋଦୟଙ୍କ ପ୍ରଣୀତ ନିମ୍ନଲିଖିତ ପୁସ୍ତକମାନ କଟକ, [illegible] ନୀଙ୍କ ପୁସ୍ତକାଳୟରେ ପ୍ରାପ୍ତବ୍ୟ ।

ଗିରୁଫଳବଂଶକାବ୍ୟ	ଟ୦	୧	୦
ସପ୍ତରଥି କାବ୍ୟ	ଟ୦	୧	୦
ମେଘାସନ(ବର୍ଣ୍ଣନାତ୍ମକକାବ୍ୟ)	ଟ୦	୵୶	୦
ସଲଧି (,,)	ଟ୦	।	୦
ଧ୍ରୁବଧ୍ୟାନଖଣ୍ଡ (,,)	ଟ୦	୶	୦
ସମାଧିକ୍ଷେତ୍ର	ଟ୦	୵	୦
ହଂସସନ୍ଦେଶା	ଟ୦	।	୦
ଶତଦଳ	ଟ୦	୶	୦
ଗଜଭକ୍ତ	ଟ୦	୶	୦
ମୋହିନୀ	ଟ୦	୵	୦
ସ୍ମୃତିଯାତ୍ରା	ଟ୦	୵୶	୦
ନୀତିକୁସୁମ	ଟ୦	୵	୦
ମାତୃପୂଜା	ଟ୦	୵	୦
ପ୍ରକୃତିପେଟିକା	ଟ୦	୵	୨
ଅଶ୍ୱୋଠଦର୍ଶନ	ଟ୦	୵	୰
ନାମମହାତ୍ମ୍ୟ	ଟ୦	୵	୬
ଚୈତନ୍ୟଚରିତ୍ର	ଟ୦	୦	୯
ପାଠକ-(ରନ୍ଧନଶିକ୍ଷା)	ଟ୦	୶	୦

ଶ୍ରୀ ଗୋପୀନାଥ ମହାନ୍ତି

Digitized by srujanika@gmail.com